# ନୂତନ ବର୍ଷରେ ପର୍ଯ୍ୟଟନ କ୍ଷେତ୍ର ଲୋକାରଣ୍ୟ


ବୁଗୁଡ଼ା ବୁଦ୍ଧଖୋଲରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଛି।


ଗୋପାଳପୁର ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି।


ଗଞ୍ଜାମ ରୁଷିକୁଲ୍ୟା ମୁହାଣରେ ବିଦେଶୀ ପକ୍ଷୀ ଦେଖିବାକୁ ଆସିଥିବା ପର୍ଯ୍ୟଟକ।

## ସଂକ୍ଷେପରେ

### ଦାରିଙ୍ଗବାଡ଼ି: ସନ୍ଧ୍ୟା ଯାଏ ରହିଲା ଗହଳି

ଦାରିଙ୍ଗବାଡ଼ି,୧।୧(ଡି.ଏନ.ଏ)- ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ରବିବାର ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପାଟାବାନ୍ଧା ଜଳପ୍ରପାତ ସମେତ ମିଡ଼ିୟୁବାନ୍ଧା ଜଳପ୍ରପାତ, ଲଭର୍ସ ପଏଣ୍ଟ, ହିଲଭିୟୁ ପାର୍କ, କଫି ବଗିଚା, ନେଚର ପାର୍କ ଆଦି ଅଞ୍ଚଳରେ ହଜାର ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଇଥିଲେ। ଡୁଲୁରୀ ପାଇନ ବଣ ଓ ଲଭର୍ସ ପଏଣ୍ଟରେ ପର୍ଯ୍ୟଟକ ବଣଭୋଜି କରି ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ଦାରିଙ୍ଗବାଡ଼ିର ବଣ ଜଙ୍ଗଲଘେରା ପ୍ରଦୂଷଣ ମୁକ୍ତ ଅଞ୍ଚଳକୁ ପର୍ଯ୍ୟଟକମାନେ ପସନ୍ଦ କରିଛନ୍ତି। ସେହିପରି ଇକୋ ରିଟ୍ରିଟରେ ମଧ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସି ରାତ୍ରିଯାପନ କରି ସେଠାକାର ସୌନ୍ଦର୍ଯ୍ୟ ଓ ପରିବେଶକୁ ପ୍ରଶଂସା କରିଛନ୍ତି।

### ନବବର୍ଷରେ ତାରାତାରିଣୀ ପୀଠ ଲୋକାରଣ୍ୟ

**ପୁରୁଷୋତ୍ତମପୁର,୧।୧(ଡି.ଏନ.ଏ.):** ନୂତନବର୍ଷ ଅବସରରେ ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରା ତାରିଣୀଙ୍କ ପୀଠରେ ପ୍ରବଳ ଜନସମାଗମ ହୋଇଥିଲା। ମାଙ୍କୁ ରାଜରାଜେଶ୍ୱରୀ ଆବେଶରେ ସଜ୍ଜିତ କରାଯାଇ ସକାଳ ୪.୩୦ରୁ ମନ୍ଦିରରେ ସାହାଣ ମେଲା ହୋଇ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପର୍ଯ୍ୟଟକମାନେ ମା'ଙ୍କୁ ଦର୍ଶନ କରିବା ସାଙ୍ଗକୁ ପ୍ରାକୃତିକ ମନୋରମ ଦୃଶ୍ୟ ଉପଭୋଗ କରି ପାହାଡ ପାଦଦେଶରେ ଥିବା ଜଙ୍ଗଲରେ ବଣଭୋଜି କରି ମଜା ନେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ପ୍ରିୟୁଷ ରଞ୍ଜନ ଛୋଟରାୟଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି ଆଇନ ଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିଥିଲେ।

### 'ଅଳି' ପୁସ୍ତକ ଉନ୍ମୋଚିତ

**ପାତ୍ରପୁର,୧।୧(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ବୁରୁପଡ଼ା ଭାଗବତ ଟୁଙ୍ଗି ପ୍ରାଙ୍ଗଣଠାରେ ଜାଡ଼ି ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ ଅବସରରେ କବି ତ୍ରିପତି ପ୍ରଧାନଙ୍କ ଦ୍ୱାରା ରଚିତ ପୁସ୍ତକ 'ଅଳି' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁଦୀପ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଶଶାଙ୍କ କୁମାର ପ୍ରଧାନ, ସାହିତ୍ୟ ସମ୍ପାଦକ ଦଣ୍ଡାସି ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ରଞ୍ଜନ କୁମାର ବ୍ରହ୍ମା ଓ ମୁରଲୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମାଧବ ବାଡ଼ତ୍ୟା ପରିଚାଳନା କରିଥିଲେ।

### ଅସହାୟଙ୍କୁ ଖାଦ୍ୟ, କମ୍ବଳ ବଣ୍ଟନ

**ଫୁଲବାଣୀ ଅଫିସ, ୧।୧:** ନୂତନ ବର୍ଷ ଉପଲକ୍ଷେ କନ୍ଧମାଳ ସ୍ୱଇଚ୍ଛା ସେବା ସମିତି ପକ୍ଷରୁ ସହରରେ ବସବାସ କରୁଥିବା ଅସହାୟ ବୃଦ୍ଧାବୃଦ୍ଧ, ଗରିବମାନଙ୍କୁ ରନ୍ଧାଖାଦ୍ୟ ଓ କମ୍ବଳ ବଣ୍ଟାଯାଇଛି। ସଂଘ ସଭାପତି ଭବାନୀଶଙ୍କର ହଂସ, କୃତିଦୀପନ ଭୋଇ, ସୁନୀଲ ଦିଗାଲ, ସରୋଜ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସଂଗଠନର କାର୍ଯ୍ୟକୁ ସବୁଠି ପ୍ରସଂଶା କରାଯାଇଛି।

## ବୀର ଚକରା ବିଷୋୟୀଙ୍କ ୨୦୦ତମ ଜୟନ୍ତୀ

ଭଞ୍ଜନଗର,୧।୧(ଡି.ଏନ୍.ଏ.)

ଘୁମୁସର ମାଟିର ମହାନ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୨୦୦ତମ ଜୟନ୍ତୀ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବାଇପାସ ଛକରେ ପାଳିତ ହୋଇଯାଇଛି। ୧୭୫୩ରେ ଫରାସୀମାନଙ୍କ ବିରୋଧରେ ପ୍ରଥମେ ଘୁମୁସର ବିଦ୍ରୋହ ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନ ୧୭୬୬ ପର୍ଯ୍ୟନ୍ତ ଚାଲିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରିଟିଶମାନଙ୍କ ବିରୋଧରେ ୧୭୬୭ରୁ ୧୮୫୬ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା। ସେଥିମଧ୍ୟରେ ଶେଷ ଯୋଦ୍ଧା ଭାବେ ଚକରା ବିଷୋୟୀ ୧୮୩୬ ରୁ ୧୮୫୬ ପର୍ଯ୍ୟନ୍ତ ବ୍ରିଟିଶ ଶାସକଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ଏହାପରେ ୧୮୫୭ରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ଚକରା ବିଷୋୟୀ କେଉଁ ଆଡ଼େ ଉଭାନ ହୋଇଗଲେ। ଚକରା ବିଷୋୟୀ ଭଞ୍ଜ ରାଜବଂଶର ସୁରକ୍ଷା ପାଇଁ ବ୍ରିଟିଶମାନଙ୍କ ବିରୋଧରେ ଲଢେଇ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କହିଥିଲେ। ଘୁମୁସର ବିଦ୍ରୋହକୁ ପ୍ରଥମ ଆନ୍ଦୋଳନ ଭାବେ ଘୋଷଣା କରିବା ପାଇଁ କିଛି ବକ୍ତା ଦାବି କରିଛନ୍ତି। ଆୟୋଜିତ ସଭାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ଅବସରପ୍ରାପ୍ତ ପ୍ରାଧାପକ କୃତିବାସ ବିଶାଳ, ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ଚକରା ବିଷୋୟୀ ସାଂସ୍କୃତିକ ପରିଷଦର ସଭାପତି ଜଗବନ୍ଧୁ ଜେନା, ସମ୍ପାଦକ ନେତାଜୀ ବିଶୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଶୂଳପାଣି ସତପଥୀ ସଭା ସଂଯୋଜନା କରିଥିଲେ।


ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଉଦବୋଧନ ଦେଉଛନ୍ତି।

## ପିତାତଳିରେ ଗୋଷ୍ଠୀସଂଘର୍ଷ, ବୋମାମାଡ଼

ଗୋପାଳପୁର,୧।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଗ୍ରାମରେ ପୂର୍ବ ଶତ୍ରୁତା ଓ ରାଜନୀତିକୁ କେନ୍ଦ୍ରକରି ଶନିବାର ରାତିରେ ଦୁଇ ଗୋଷ୍ଠୀମଧ୍ୟରେ ସଂଘର୍ଷ ଘଟିବା ସହିତ ବୋମାମାଡ଼ ହୋଇଛି। ଏଥିସହିତ ଖଣ୍ଡା, କାତିରେ ଆକ୍ରମଣ ପ୍ରତିଆକ୍ରମଣ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ରବିବାର ଗୋଳନ୍ଥରା ଥାନାରେ ତିନୋଟି ମାମଲା ରୁଜୁ ହୋଇଛି। ବର୍ତ୍ତମାନ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି।

ଖବର ଅନୁସାରେ ପିତାତଳି ଗ୍ରାମରେ ସରପଞ୍ଚ ଏ. ରାଙ୍ଗା ରାଓଙ୍କ ଗୋଷ୍ଠୀ ଓ ପୂର୍ବତନ ଚିକିଟି ବ୍ଲକ ଅଧକ୍ଷ ନରସିଂହ ମୂର୍ତ୍ତିଙ୍କ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତା ଓ ରାଜନୈତିକ ଛକାପଞ୍ଝା ଲାଗିରହିଛି। ଶନିବାର ରାତିରେ ନରସିଂହ ମୂର୍ତ୍ତିଙ୍କ ସମର୍ଥକ କେ.ଜାନକୀ ରାଓ ଘରକୁ ଆସୁଥିବା ବେଳେ ରାଙ୍ଗାରାଓ ଗୋଷ୍ଠୀର କିଛି ବ୍ୟକ୍ତି ଜାନକୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡା ଓ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଜାନକୀ ରାଓ ଗୁରୁତର ଆହତ ହୋଇଛନ୍ତି। ପତ୍ନୀ ଜାନକୀଆମ୍ମା ଉଦ୍ଧାର କରିବାକୁ ଯାଇଥିବା ବେଳେ ତାଙ୍କୁ ମଧ ଟଣାଓଟରା କରିଥିଲେ। ଖବର ପାଇ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଜାନକୀ ରାଓ ବଡ଼ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଘଟଣାର କିଛି ଘଣ୍ଟା ପରେ ଏ.ରାଙ୍ଗା ରାଓଙ୍କ ସମର୍ଥକ ଏ. ପାପା ରାଓଙ୍କ ଘର ପଛପଟକୁ ନରସିଂହ ମୂର୍ତ୍ତିଙ୍କ ଗୋଷ୍ଠୀ ପକ୍ଷରୁ ବୋମାମାଡ଼ କରିଥିଲେ। ଏଥିରେ ତାଙ୍କର ଝରକା ଓ କାନ୍ଥ ଭାଙ୍ଗି ଯାଇଥିଲା। ଉତ୍ତେଜନା ଦେଖି ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ଏନେଇ ଉଭୟ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଥିବା ବେଳେ ୫୭ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସରପଞ୍ଚ ରାଙ୍ଗା ରାଓ ଓ ପୂର୍ବତନ ବ୍ଲକ ଅଧକ୍ଷଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ମହନ୍ତ ସୂଚନା ଦେଇଛନ୍ତି।

## ସରକାରୀ ଦରରେ ଧାନ କିଣିବା ପାଇଁ ଦାବିପତ୍ର

ଗଞ୍ଜାମ,୧।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକରେ ପଞ୍ଜିକୃତ ଚାଷୀଙ୍କ ଧାନ ସରକାରୀ ଦରରେ କିଣିବା ପାଇଁ ଋଷିକୁଲ୍ୟା ରୟତ ମହାସଭା ତରଫରୁ ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଧାନ କିଣା କେନ୍ଦ୍ର ଖୋଲି ଧାନ ନିୟମିତ କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ, ଚାଷୀଙ୍କ ଅଖା ଟଙ୍କା ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଉ, ଏଫଏକ୍ୟୁ ନାମରେ କଟନି ଛଟନି ବନ୍ଦ କରାଯାଉ, ପ୍ରତି ଗ୍ରାମରେ ଚାଷୀ କମିଟି ଗଠନ କରି ତାଙ୍କ ପରାମର୍ଶରେ ଧାନ କିଣାଯାଉ, ପ୍ରତି ସୋସାଇଟି ଓ ଗ୍ରୁପରେ ପାନୀୟ ଜଳ, ଜରି ପାଲ, ଗ୍ରେଡିଙ୍ଗ ଓଜନ ମେସିନ ଏବଂ ଗୋଦାମ ଗୃହର ବ୍ୟବସ୍ଥା କରିବାକୁ ବାଧ କରାଯାଉ, ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ସ୍କ୍ୱାର୍ଡ ଗଠନ କରାଯାଉ, ଧାନ କିଣା ବେଳେ ଚାଷୀଙ୍କୁ ଭେଣ୍ଡର ରାଶି ଦେବାକୁ ବାଧ୍ୟ କରାଯାଉ, ଧାନ କିଣା ସମସ୍ୟା ଜଣାଇବା ପାଇଁ ଟୋଲ ଫ୍ରି ନମ୍ବର ଜାରି କରାଯାଉ, ପଞ୍ଚାୟତ ସ୍ତରରେ ଚାଷୀ କମିଟି ଗଠନ, ରାଜସ୍ୱ ଅଧିକାରୀ, କୃଷି ଅଧିକାରୀ ଓ ଏମଆଇମାନଙ୍କ ଠାରୁ ଧାନ ଠିକ ସମୟରେ କିଣିବା ପାଇଁ ବ୍ୟବସ୍ଥା କରାଯାଉ ଆଦି ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ୨୫ରୁ କନ୍ଧମାଳ ମହୋତ୍ସବ ଭାଗ ନେବାକୁ ଜୋରଦାର ଲବି

**ଫୁଲବାଣୀ ଅଫିସ, ୧।୧**

ଆସନ୍ତା ୨୫ ତାରିଖରୁ କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହେବ। ଏହାକୁ ନେଇ ବିଭିନ୍ନ କମିଟି ଗଠନ କରାଯାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବୈଠକ ବସୁଛି। ହେଲେ କେତେକ ଅନୁଷ୍ଠାନ ଏଥିରେ ସଭ୍ୟ ରହି ସେମାନଙ୍କ ସାଂସ୍କୃତିକ ଦଳ କିପରି ଭାଗନେବ, ତାହାକୁ ନେଇ ଲବି ଆରମ୍ଭ କରି ଦେଇଛନ୍ତି। ନିର୍ଦ୍ଦିଷ୍ଟ ୨/୩ଟି ସାଂସ୍କୃତିକ ଦଳ ଜୁନିୟର, ସିନିୟର ଗ୍ରୁପ କରି ସରକାରୀ ଅର୍ଥ ହରିଲୁଟ କରିବା ପାଇଁ ମସୁଧା ଚଳାଇଛନ୍ତି। ସେମାନେ ଜିଲାର କେତେଜଣ ଅଫିସରଙ୍କୁ ଧରି କିପରି ତାଙ୍କ ଦଳ ଭାଗ ନେବ ସେଥିପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଫଳରେ ଜିଲାରେ ଆହୁରି ଅନେକ ଭଲ ଅନୁଷ୍ଠାନ ଥିଲେ ମଧ୍ୟ ସେମାନେ ଭାଗ ନେବା ନେଇ ପ୍ରଶ୍ନ ଉଠିଛି। ଗୋଟିଏ ସାଂସ୍କୃତିକ ପ୍ରୋଗ୍ରାମ ପାଇଁ ୫୦୦୦ ଟଙ୍କା ବ୍ୟବସ୍ଥା ରହିଛି। କିଛି ନିର୍ଦ୍ଦିଷ୍ଟ ଗ୍ରୁପ ଜୁନିୟର, ସିନିୟର ବିଭାଗ କରି ଅତିକମରେ ୫ଟି ପ୍ରୋଗ୍ରାମ କରିବାକୁ ଲବି କରିଛନ୍ତି। ଉପଯୁକ୍ତ ଦକ୍ଷତା ନ ଥାଇ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବା ହାସ୍ୟାସ୍ପଦ ଛଡା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଉତ୍ସବରେ ଯେପରି ଜିଲାର ଅଧିକାଂଶ ସାଂସ୍କୃତିକ ଦଳ ଭାଗ ନେବେ, ତାହା ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଉଛି।

## ଶଶିଭୂଷଣ ରଥଙ୍କ ଜୟନ୍ତୀ ସମାରୋହ



ଶଶିଭୂଷଣ ରଥଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।

ସୋରଡା,୧।୧(ଡି.ଏନ୍.ଏ.)

ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ସ୍ଥାନୀୟ ଶଶିଭୂଷଣ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଶଶିଭୂଷଣ ରଥଙ୍କ ଜୟନ୍ତୀ ସମାରୋହ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ମୁଖ୍ୟଅତିଥି, ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ପ୍ରାକ୍ତନ କୁଳପତି ଡକ୍ଟର ଶିବପ୍ରସାଦ ଅଧିକାରୀ, ପ୍ରଫେସର ଲମ୍ବୋଦର ପାଣିଗ୍ରାହୀ, ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢୀ, ଶିକ୍ଷାବିତ ପଦ୍ମଲୋଚନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଥମେ ଶଶିଭୂଷଣଙ୍କ ଫଟୋ ଚିତ୍ରରେ ପୁଷ୍ପଅର୍ପଣ, ସ୍ୱାଗତ ସଙ୍ଗୀତ ପରେ ସଭା ଆରମ୍ଭ ହୋଇଥିଲା। ଶଶିଭୂଷଣ ଜଣେ ସମାଜ ସଂସ୍କାରକ, ଓଡିଆ ଭାଷା ଜଗତର ଜାଗ୍ରତ ପ୍ରହରୀ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅଞ୍ଚଳର ଶ୍ରେଷ୍ଠ କବି, ଗୀତିକାର, ସମାଜିକ କର୍ମୀ ହିସାବରେ ଲଡୁ କିଶୋର ଦାସ, ଜିତେନ୍ଦ୍ରିୟ ସାହୁ, ଲମ୍ବୋଦର ଅଧିକାରୀ, ଶକ୍ତିଦା ବିଶୋୟୀ, ତ୍ରିନାଥ ଗଉଡ, ଗଗନ ବିହାରୀ ପଟ୍ଟନାୟକଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରଯାଇଥିଲା। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସଦର ଉମାଶଙ୍କର ଦାସ, କାଳୀଚରଣ ପ୍ରଧାନ, ଧୋବା ବେହେରା, ରଞ୍ଜନ ପାଟଯୋଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂଆବର୍ଷରେ ବିଜୁ ପାର୍କରେ ଭିଡ଼

### ବାସଭବନରେ ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲେ

ଭଞ୍ଜନଗର,୧।୧(ଡି.ଏନ୍.ଏ.)

ନୂତନ ବର୍ଷର ପ୍ରଥମ ଦିନ ରବିବାର ଭଞ୍ଜନଗର ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। କେଉଁଠି ଭୋଜିଭାତ ଓ କେଉଁଠି ନାଚଗୀତର ଆସର ଚାଲିଥିଲା। ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଏବଂ ନିକଟରେ ଥିବା ବେଲେଶ୍ୱର ପୀଠରେ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଭିଡ ନିୟନ୍ତ୍ରଣ କରିବା ପାଇଁ ଭଞ୍ଜନଗର ପୋଲିସ ଏବଂ ବିଡେକା କର୍ମଚାରୀ ସହଯୋଗ କରିଥିଲେ। ସେହିପରି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଅଗଖୋଳସ୍ଥିତ ତାଙ୍କ ବାସଭବନରେ ସକାଳୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଶୁଭେଚ୍ଛୁମାନେ ଭିଡ ଜମାଇଥିଲେ। ଜିଲା ଏବଂ ଜିଲା ବାହାରୁ ଶୁଭେଚ୍ଛୁମାନେ ଆସିଥିଲେ। ପୋଲିସ ପକ୍ଷରୁ ଭିଡ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା।


ବାଚସ୍ପତିଙ୍କୁ ଅଞ୍ଚଳବାସୀ ଅଭିନନ୍ଦନ ଜଣାଉଛନ୍ତି।

## ବିଜେଡି ପକ୍ଷରୁ ଜିରୋ ନାଇଟ୍ କାର୍ଯ୍ୟକ୍ରମ

ଆସିକା, ୧।୧ (ଡି.ଏନ୍.ଏ.)

ଆସିକା ଟାଉନହଲ୍ ପଡ଼ିଆରେ ଶନିବାର ରାତିରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳ ପକ୍ଷରୁ ନବବର୍ଷକୁ ସ୍ୱାଗତ ଜଣାଇ ଜିରୋ ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ଆସର ସହିତ କେକ୍ କାଟି ନୂଆ ବର୍ଷକୁ ସ୍ୱଗତ କରାଯାଇଥିଲା। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ, ମନୋଜ ଦୋରା, ଅଭିମନ୍ୟୁ ନାହାକଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ।


ନୂଆବର୍ଷ କେକ୍ କାଟିବା ଅବସରରେ ଏମ୍‌ପି. ଓ ବିଧାୟିକା।

## ଇକୋ ପାର୍କ ଖୋଲିବାକୁ ଅପେକ୍ଷା

ଜି.ଉଦୟଗିରି,୧।୧(ଡି.ଏନ୍.ଏ.)

ଜି.ଉଦୟଗିରି ସହରରେ ଚଳିତ ବର୍ଷ ଶୀତ ଲୁଚକାଳି ଖେଳିବା ପରି ମନେହେଉଛି। ରବିବାର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିବା ବେଳେ ଶନିବାର ୭.୪ ଡିଗ୍ରୀ ରହିଥିଲା। ଶୁକ୍ରବାର ୬ଡିଗ୍ରୀ ସେଲସିୟସ ରହିଥିଲା ବେଳେ ଗୁରୁବାର ତାପମାତ୍ରା ୧୨ ଡିଗ୍ରୀ ଥିଲା। ଦିନେ ଶୀତ ବଢୁଥିବା ବେଳେ ଦିନେ କମୁଛି। ଅନ୍ୟପଟେ ସିର୍କି ଇକୋ ପାର୍କ ସର୍ବସାଧାରଣଙ୍କ ପାଇଁ ଖୋଲିବାରେ ବିଳମ୍ବ ହେଉଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଇକୋ ପାର୍କ ଭିତରେ କଟେଜ ନିର୍ମାଣ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ଓ ଆୟର ପନ୍ଥା ବଢିବ। ଯା'ଫଳରେ ପାର୍କର ରକ୍ଷଣାବେକ୍ଷଣ ଠିକ ଭାବେ ହୋଇପାରିବ ବୋଲି ଅନେକ ଗାଇଡ କହୁଛନ୍ତି। ପାର୍କରେ ବୋଟିଙ୍ଗ ବ୍ୟବସ୍ଥା ରହିଛି କିନ୍ତୁ ଦୂରରୁ ଆସୁଥିବା ପର୍ଯ୍ୟଟକମାନେ ରହିବା ପାଇଁ କଟେଜ ବ୍ୟବସ୍ଥା ଓ ପାର୍କର ଉନ୍ନତିକରଣ ପାଇଁ ବନ ବିଭାଗର ଅନୁଦାନ ବୃଦ୍ଧି କରାଗଲେ ପାର୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ। ୧ କୋଟି ୨୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କକୁ ଲୋକଙ୍କ ମନୋରଞ୍ଜନ କରିବା ପାଇଁ ଅଧିକ ଅର୍ଥ ଆବଶ୍ୟକ ବୋଲି ଉଦ୍ୟାନପ୍ରେମୀମାନେ କହୁଛନ୍ତି। ପାର୍କଟି ସର୍ବସାଧାରଣଙ୍କ ପାଇଁ ଅତିଶୀଘ୍ର ଖୋଲାଯିବ ବୋଲି ବନ ବିଭାଗ ଅଧିକାରୀ ମୀନାକ୍ଷି କୁମୁରା କହିଛନ୍ତି।



ଇକୋ ପାର୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨ ଜାନୁୟାରୀ, ୨୦୨୩



## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୫୭ତମ ପ୍ରତିଷ୍ଠା ଦିବସ। ସ୍ଥାନ-ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ-ପୂର୍ବାହ୍ନ ୧୧ଟା।

**ଫୁଲବାଣୀ**
- ଏବିଭିପିର ଖବରଦାତା ସମ୍ମିଳନୀ ସ୍ଥାନ-ଏବିଭିପି କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବ୍ରହ୍ମପୁରରୁ ୭୦ ପ୍ରତିଯୋଗୀ

**ବ୍ରହ୍ମପୁର ଅଫିସ,୧।୧:** ଜାନୁୟାରୀ ୧୩ରେ କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ନିମନ୍ତେ ବ୍ରହ୍ମପୁର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ୮ବର୍ଷରୁ ୧୭ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ୭୦ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ପ୍ରତିଯୋଗିତା କରିବେ। ଏନେଇ ହିଲପାଟଣାସ୍ଥିତ ବ୍ରହ୍ମପୁର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କୋଚ ସତ୍ୟନାରାୟଣ ତ୍ରିପାଠୀଙ୍କଠାରୁ ପ୍ରକାଶ। ସୂଚନାଯୋଗ୍ୟ, ଗତ ଡିସେମ୍ବର ୧୮ରେ ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁଡ଼ୋ, କରାଟେ ଓ ଫାଇଟ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୮୦ ପ୍ରତିଯୋଗୀଙ୍କ ମଧ୍ୟରୁ ୭୦ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ୩୦ ଜଣ ବାଳିକା ଓ ୪୦ ଜଣ ପୁରୁଷ ପ୍ରତିଯୋଗୀ ଅଛନ୍ତି।

## ଦୁର୍ଘଟଣା:ଟ୍ରକ୍ ଚକାତଳେ ଚାପି ହୋଇ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧।୧:** ମରଣଯନ୍ତା କୁହାଯାଉଥିବା ଜାତୀୟ ରାଜପଥ -୧୬ ଲାଞ୍ଜିପଲ୍ଲୀ ବାଇପାସ୍ ଇସ୍କନ ମନ୍ଦିର ସମ୍ମୁଖରେ ରବିବାର ମଧାହ୍ନରେ ନୂତନ ବର୍ଷରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଟ୍ରକ ଚକା ତଳେ ଚାପି ହୋଇ ଜଣେ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଖବର ପାଇ ଟ୍ରାଫିକ ପୋଲିସ ପହଞ୍ଚି କ୍ରେନ ସାହାଯ୍ୟରେ ଟ୍ରକକୁ ସେଠାରୁ ରାସ୍ତା ଉପରୁ ହଟାଇ ମୃତଦେହ ଜବତ କରିଛି। ମୃତକ ଜଣଙ୍କ କୋଦଳା ଲକୀପୁର ଗ୍ରାମର କେଦାର ଚନ୍ଦ୍ର ପଲାଇ (୫୪)। ମୃତକଙ୍କ ପୁତୁରା ସିଦ୍ଧାର୍ଥ ପଲାଇ ମୃତଦେହ ଚିହ୍ନଟ କରିଛନ୍ତି। ନଂ.୧/୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ଘଟାଇବା ପରେ ଟ୍ରକ ଚାଳକ ଜଣଙ୍କ ଫେରାର ହୋଇଯାଇଥିବା ବେଳେ ଟ୍ରକଟିକୁ ଜବତ କରାଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ଟ୍ରକ ଚାଳକଙ୍କ ବେପରୁଆ ଗାଡ଼ି ଚାଳାଣ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, କେଦାର ଚନ୍ଦ୍ର ପଲାଇ ଜଣେ ଏଲଆଇସି ଏଜେଣ୍ଟ। ସେ ରବିବାର କୌଣସି କାମରେ ଛତ୍ରପୁରରୁ ବ୍ରହ୍ମପୁର ବାଇକରେ ଆସୁଥିଲେ। ଲାଞ୍ଜିପାଲି ବାଇପାସ୍ ଇସ୍କନ ମନ୍ଦିର ସମ୍ମୁଖରେ ତାଙ୍କୁ ପଛପଟୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ କେଦାର ବାଇକ୍‌ରୁ ଖସି ରାସ୍ତା ଉପରେ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡ ଉପରେ ଟ୍ରକ ଚକା ମାଡ଼ି ଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ।

## ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ନବବର୍ଷ ସ୍ୱାଗତ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧।୧:** ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଆମ୍ବପୁଆସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଇଂଲିଶ ନବବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଶ୍ୟାମାପ୍ରସାଦ ପାଢ଼ୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ରାଧାଚରଣ ନାୟକ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାମାରୀ କରୋନାର ପ୍ରାଦୁର୍ଭାବ ପୁଣିଥରେ ଦେଖାଦେବା ସହ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଭୟାବହତା ବନ୍ଦ ହେଉନାହିଁ। ଏହି ଯୁଦ୍ଧ ବିଶ୍ୱ ଜନମାନସରେ ଭୟଙ୍କର ଆଶଙ୍କା ସୃଷ୍ଟି କରୁଥିବାରୁ ସଭାରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଗାମୀ ଦିନରେ କରୋନା ସତର୍କତା ଅବଲମ୍ବନ କରି ଜୀବନ ଯାପନ କରିବା ପାଇଁ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। କୋଷାଧକ୍ଷ ଲଡୁକେଶ ମିଶ୍ର, ହାଡ଼ିବନ୍ଧୁ ମାଳି, ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ସମ୍ପାଦକ ରଜନୀକାନ୍ତ ମଣ୍ଡଳଙ୍କ ସମେତ ଗୋପାଳକୃଷ୍ଣ ପାଢ଼ୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ଆଜି

**ବ୍ରହ୍ମପୁର ଅଫିସ,୧।୧**



ଭଞ୍ଜବିହାର ପରିସର

- ଏଯାବତ୍ ଜଣେ ବି ହୋଇନାହାନ୍ତି ଆଇଏଏସ୍
- ବୃହତ୍ ଛାତ୍ର ଆନ୍ଦୋଳନରୁ ହୋଇଛି ବିଶ୍ୱବିଦ୍ୟାଳୟ

ଦକ୍ଷିଣ ଓଡ଼ିଶାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ୧୯୬୦ ଦଶକରେ ବୃହତ୍ ଛାତ୍ର ଆନ୍ଦୋଳନ ସୃଷ୍ଟି ହୋଇଥିଲା। ସେତେବେଳେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ରାଜ୍ୟ ମୁଖ୍ୟମନ୍ତ୍ରୀ ଥିଲେ। ଜାତୀୟ କଂଗ୍ରେସର କାମରାଜ୍ ଯୋଜନାରେ ସେ ଶାସନ କ୍ଷମତା ଛାଡ଼ିଥିଲେ। ଉତ୍ତରାଧିକାରୀ ଭାବେ ମୁଖ୍ୟମନ୍ତ୍ରୀ ପଦ ପାଇଥିଲେ ବୀରେନ୍ ମିତ୍ର। ତତ୍କାଳୀନ ଛାତ୍ର ନେତା ଡା. ସତ୍ୟବ୍ରତ ମହାପାତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥଙ୍କ ସମେତ ସନ୍ତୋଷ ମହାପାତ୍ର, ଭାଗୀରଥି ମିଶ୍ର, ବସନ୍ତ ପଣ୍ଡା, ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ ଆନ୍ଦୋଳନକୁ ତେଜାଇଥିଲେ। ବୀରେନ୍ ମିତ୍ରଙ୍କ ସରକାର ଅଣନିଃଶ୍ୱାସୀ ହୋଇଯାଇଥିଲା। ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ୬୬ ମସିହା ଶେଷବେଳକୁ ସତ୍ୟବ୍ରତ ମହାପାତ୍ର ଚରମ ଚେତାବନୀ ସରକାରଙ୍କୁ ଶୁଣାଇଥିଲେ। ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ ପାଇଁ ତାରିଖ ଘୋଷଣା କରା ନ ଗଲେ ବ୍ରହ୍ମପୁର ବାରକାସ୍ ପଡ଼ିଆ (ବର୍ତ୍ତମାନ ଷ୍ଟାଡିୟମ) ପରିସରରେ ପେଟ୍ରୋଲି ଢାଳି ଆତ୍ମାହୁତି ଦେବାର ଘୋଷଣା କଲେ, ଯାହା ରାଜ୍ୟ ବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ବୀରେନ୍ ମିତ୍ରଙ୍କ ପରେ ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ହେଲେ। ବିଜୁବାବୁଙ୍କ ନିର୍ଦ୍ଦେଶରେ ବିଶ୍ୱବିଦ୍ୟାଳୟ ପାଇଁ ସରକାର ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। ସେହି ଅନୁଯାୟୀ ୧୯୬୭ ଜାନୁୟାରୀ ୨ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା କରାଗଲା। ମାତ୍ର ଦୁଇ ତିନୋଟି ପିଜି ବିଭାଗକୁ ନେଇ ପାଠପଢ଼ା ଆରମ୍ଭ ହେଲା। ବ୍ରହ୍ମପୁରର ଏକ ଭଡ଼ାଘରେ ବିଶ୍ୱବିଦ୍ୟାଳୟ ଅଫିସ ଆରମ୍ଭ କରାଗଲା। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ୍ ଲିଙ୍ଗରାଜ ପାଣିଗ୍ରାହୀ ପ୍ରଥମ କୁଳପତି ହୋଇଥିଲେ। ଶିକ୍ଷାବିତ୍ ଗୋରାଚାନ୍ଦ ମିଶ୍ର କୁଳସଚିବ ଭାବେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରଙ୍ଗେଇଲୁଣ୍ଡାରେ ସରକାରୀ ଜମିରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ହେଲା। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସ୍ମୃତିରେ ନାମ ଭଞ୍ଜବିହାର ରଖାଯାଇଛି। ଏବେ ୨୪ରୁ ଅଧିକ ବିଭାଗ ଖୋଲାଯାଇଛି। ରାଜ୍ୟରେ ପ୍ରଥମ କରି ମିଲିଟାରୀ ସାଇନ୍ସ ବିଭାଗ ଅଛି। ନିକଟରେ ଥିବା ପ୍ରତିରକ୍ଷା ବିଭାଗର ଗୋପାଳପୁର କ୍ୟାଣ୍ଟନମେଣ୍ଟରେ ସେହି ପାଠ୍ୟକ୍ରମ ଚାଲିଥିଛି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ। ଭଞ୍ଜବିହାରର ବହୁମୁଖୀ ବିକାଶ ହୋଇଛି। ଆଗାମୀ ଦିନରେ ଆହୁରି ଅଧିକ ଉନ୍ନତି ଲାଗି ଯୋଜନା ରହିଛି। ଚଳିତ ବର୍ଷର ପ୍ରତିଷ୍ଠା ଦିବସ ଉତ୍ସବରେ ରାଜ୍ୟ ଦକ୍ଷତା ବିକାଶ ପ୍ରାଧୀକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ତେଣୁ ଭଞ୍ଜବିହାର କ୍ୟାମ୍ପସକୁ ସାଜସଜ୍ଜାରେ ଆକର୍ଷଣୀୟ କରାଯାଇଛି।

ଅପରପକ୍ଷରେ ୫୭ ବର୍ଷର ଏହି ବିଶ୍ୱବିଦ୍ୟାଳୟରୁ ଜଣେ ବି ଆଇଏଏସ୍ ସୃଷ୍ଟି ହୋଇନାହାନ୍ତି। ଜଣେ ଦୁଇଜଣ ଆଇପିଏସ୍ ପାଇଛନ୍ତି। ୫ ରୁ ୬ ଜଣ ଆଇଏଫଏସ୍ ପାଇଛନ୍ତି। ତେବେ ଅନେକ ପୂର୍ବତନ ଛାତ୍ରୀଛାତ୍ର ସର୍ବଭାରତୀୟ ସ୍ତରର ରେଲୱେ, ଆୟକର ସମେତ ବିଭିନ୍ନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଗଞ୍ଜାମ ଜିଲାରୁ ଯେଉଁମାନେ ଆଇଏଏସ୍, ଆଇଏଫଏସ ବୈଦେଶିକ ବିଭାଗର ପଦାଧିକାରୀ ହୋଇଛନ୍ତି ସେମାନେ ଅତୀତରେ ଖଲ୍ଲିକୋଟ ମହାବିଦ୍ୟାଳୟ ବିଦ୍ୟାର୍ଥୀ ହୋଇ ପରବର୍ତ୍ତୀ ସ୍ଥିତିରେ ଉତ୍କଳ, ଦିଲ୍ଲୀ ଓ ଅନ୍ୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ପାଇଥିବା ନଜିର ଅଛି। ଭଞ୍ଜବିହାରରେ ପାଠପଢ଼ା ନିମ୍ନମାନରକୁ ପ୍ରମାଣିତ କରିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଗୌତମ


@ ଦୀପକ


@ ସଙ୍ଗୀତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷା ସଫଳତାର ମାପକାଠି : ଏମ୍‌ପି

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧।୧**


ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଦିନ ଧରି ଚାଲିଥିବା ୩୩ତମ ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସଫଳତାର ମାପକାଠି, କଠିନ ପରିଶ୍ରମ, ନିରନ୍ତର ପ୍ରୟାସ ସଫଳତା ଆଣିଥାଏ ବୋଲି କହିଥିଲେ। ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ କିଛିନା କିଛି ଅନ୍ତର୍ନିହିତ ପ୍ରତିଭା ରହିଛି। ଶିଶୁଙ୍କ ସୃଜନଶୀଳତା ବିକାଶ ଲାଗି ଉଭୟ ଶିକ୍ଷକ, ଅଭିଭାବକଙ୍କର ଉତ୍ତରଦାୟିତ୍ୱ ରହିଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଶିକ୍ଷାବିତ୍ ଲକ୍ଷ୍ମଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା, ସଂସ୍କାର ବିଶ୍ୱକୁ ମାର୍ଗଦର୍ଶନ କରୁଛି ବୋଲି କହିଥିଲେ। ମେୟର ସଂଘମିତ୍ରା ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶଶିଭୂଷଣ ରଥଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୧।୧**

ଶଶିଭୂଷଣ ରଥ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶଶିଭୂଷଣ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ.କାହ୍ନୁ ଚରଣ ପାଢ଼ୀ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ତ୍ରିପାଠୀ ଶଶିଭୂଷଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଭାତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଚକ୍ଷୁ ବିଶେଷଜ୍ଞ ଡା.ରାଜେନ୍ଦ୍ର କୁମାର ବେହେରା ଓ ବିଏମ୍‌ସି ଡେପୁଟି କମିଶନର ବିନୋଦ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଶଶିଭୂଷଣଙ୍କ ଜୀବନୀ ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସବୁଜ ବାହିନୀ ପକ୍ଷରୁ ଘାଟି କାଲୁଆରେ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

**ବ୍ରହ୍ମପୁର ଅଫିସ,୧।୧**

ସବୁଜ ବାହିନୀ ପକ୍ଷରୁ ନବବର୍ଷ ଉପଲକ୍ଷେ ରବିବାର ସହର ଉପକଣ୍ଠସ୍ଥ ଘାଟି କାଲୁଆଠାରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ନିଜ ଉଦ୍ୟମରେ ଆବର୍ଜନା କୁଣ୍ଡ ଘାଟି କାଲୁଆ ପୀଠରେ ନିର୍ମାଣ କରାଯାଇଥିଲା। ଏଥିସହ ଆବର୍ଜନା କୁଣ୍ଡରେ ସଚେତନ ବାର୍ତ୍ତା ଲେଖାଯାଇଥିଲା। ପୂର୍ବରୁ ଏହି ପୀଠରେ ଆବର୍ଜନା ପଡ଼ି ରହିବା ସହ ପରିବେଶ ଦୂଷିତ ହେଉଥିଲା। ଏ ନେଇ ସଂଘ ସଦସ୍ୟ, ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକ ମିଳିତ ଭାବେ ଆବର୍ଜନା ସଫେଇ କରିଥିଲେ। ସଂଗୃହୀତ ଆବର୍ଜନାକୁ ବିଏମ୍‌ଇସି କଠିନ ବର୍ଜ୍ୟବସ୍ତୁ କେନ୍ଦ୍ରକୁ ପଠାଯାଇଥିଲା। ଯାହାଦ୍ୱାରା ପର୍ଯ୍ୟଟନ ସ୍ଥଳ ସ୍ୱଚ୍ଛ ଓ ସୁନ୍ଦର ରହିବା ସହ ବର୍ଜ୍ୟବସ୍ତୁରୁ ଜୈବିକ ଖତ ପ୍ରସ୍ତୁତ ହୋଇପାରିବ ବୋଲି ସଂଘ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। ପ୍ରତି ସପ୍ତାହରେ ଥରେ ଏଭଳି ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ କଠିନ ବର୍ଜ୍ୟବସ୍ତୁ କେନ୍ଦ୍ରକୁ ପଠାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରବି ସାହାଣୀ, ଏ. ପ୍ରକାଶ, ପି. ବିନୋଦ ଓ ସନିଆ ଗୌଡ଼ଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମାନବ ଚାଲାଣର ଟ୍ରାଞ୍ଜିଟ ପଏଣ୍ଟ ପାଲଟିଛି ବ୍ରହ୍ମପୁର ରେଳଷ୍ଟେଶନ

**ବ୍ରହ୍ମପୁର ଅଫିସ, ୧।୧**

**ଉଦ୍ଧାର ହେଲେଣି ୩୪୩ ଶିଶୁ ଶ୍ରମିକ, ଧରାପଡୁନାହାନ୍ତି ଦଲାଲ**

ଗଞ୍ଜାମ ଜିଲାର ବ୍ରହ୍ମପୁର ରେଳଷ୍ଟେଶନ ହୋଇଛି ଗମନାଗମନର ହବ୍। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ବିଭିନ୍ନ ରାଜ୍ୟକୁ ଯିବା ଲାଗି ଏହା ଉପରେ ନିର୍ଭର କରନ୍ତି। ଏହାର ସୁଯୋଗ ନେଇ କେତେକ ଶିଶୁ ଶ୍ରମିକ ଚାଲାଣକାରୀ ବାହାର ରାଜ୍ୟକୁ ଜିଲାର ଶିଶୁଙ୍କୁ ଚାଲାଣ କରି ଆସୁଛନ୍ତି। ମାନବ ଚାଲାଣର ଟ୍ରାଞ୍ଜିଟ ପଏଣ୍ଟ ପାଲଟିଛି ଏବେ ବ୍ରହ୍ମପୁର ରେଳଷ୍ଟେଶନ। ଚଳିତ ବର୍ଷ ବ୍ରହ୍ମପୁର ଷ୍ଟେଶନ ପରିସରରୁ ୩୪୩ ଶିଶୁ ଶ୍ରମିକଙ୍କୁ ଚାଇଲ୍ଡଲାଇନ, ସରକାରୀ ରେଲୱେ ପୋଲିସ ଓ ରେଳ ସୁରକ୍ଷା ବଳ ଜରିଆରେ ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ରହିଛି ବିହାରରୁ ବ୍ରହ୍ମପୁର ଦେଇ ଆନ୍ଧ୍ରପ୍ରଦେଶ ୧୧ ଶିଶୁ ଚାଲାଣ, ଯାହା ରେଳ ପୋଲିସ ହାତରେ ଧରାପଡ଼ିଥିଲା। ଉଦ୍ଧାର ହୋଇଥିବା ସମସ୍ତ ୧୧ ଶିଶୁଙ୍କୁ ସେମାନଙ୍କ ପରିବାରକୁ ସଚେତନ କରାଯାଇ ହସ୍ତାନ୍ତର କରାଯାଇଛି। ଶିଶୁ ସୁରକ୍ଷା, ଶ୍ରମ ବିଭାଗ, ଶିକ୍ଷା ବିଭାଗ ଓ ଚାଇଲ୍ଡ ଲାଇନ ମଧ୍ୟରେ ସମନ୍ୱୟ ଅଭାବରୁ ଶିଶୁ କିମ୍ବା ତାଙ୍କ ପରିବାରବର୍ଗଙ୍କୁ ସରକାରୀ ଯୋଜନାରେ ସାମିଲ ନ କରି କେବଳ ଅଭିଭାବକଙ୍କୁ ହସ୍ତାନ୍ତର କରି ଚୁପ୍ ବସିଛନ୍ତି।

ପ୍ରକାଶ ଯେ, ୨୦୨୨ ଜାନୁୟାରୀରେ ପୁଅ ୨୨, ଝିଅ ୦୯; ଫେବୃୟାରୀରେ ପୁଅ ୦୭, ଝିଅ ୦୨; ମାର୍ଚ୍ଚରେ ପୁଅ ୦୮, ଝିଅ ୦୭; ଏପ୍ରିଲରେ ପୁଅ ୩୪, ଝିଅ ୦୯; ମେ'ରେ ପୁଅ ୧୮, ଝିଅ ୦୫; ଜୁନ୍‌ରେ ପୁଅ ୦୪, ଝିଅ ୧୭; ଜୁଲାଇରେ ପୁଅ ୦୬, ଝିଅ ୨୦; ଅଗଷ୍ଟରେ ପୁଅ ୧୫, ଝିଅ ୦୭; ସେପ୍ଟେମ୍ବରରେ ପୁଅ ୨୪, ଝିଅ ୧୦; ଅକ୍ଟୋବରରେ ପୁଅ ୨୬, ଝିଅ ୧୯; ନଭେମ୍ବରରେ ପୁଅ ୧୧, ଝିଅ ୧୦ ଓ ଡିସେମ୍ବର ୨୫ ସୁଦ୍ଧା ୪୩ ପୁଅ ଏବଂ ୦୮ ଜଣ ଝିଅ ଉଦ୍ଧାର ହୋଇଛନ୍ତି। ଏଯାବତ୍ ପୁଅ ୨୨୦ ଏବଂ ଝିଅ ୧୨୩ ଏପରି ଉଦ୍ଧାର ହେଲେଣି ମୋଟ୍ ୩୪୩ ଶିଶୁ ଶ୍ରମିକ। ଅନ୍ୟପଟେ ଏଯାବତ୍ ଜଣେବି ଦଲାଲ ଧରାପଡ଼ିନାହାନ୍ତି, ଯାହାକୁ ନେଇ ସାଧାରଣରେ ଏକ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।

ଅଖିଳ ଭାରତ କିଷାନ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲ ଷଡ଼ଙ୍ଗୀ କହିଛନ୍ତି, ବିଭିନ୍ନ ସ୍ଥାନରୁ ଉଦ୍ଧାର ଶିଶୁଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରି ବିଭାଗୀୟ ଅଧିକାରୀମାନେ ଚୁପ୍ ବସୁଛନ୍ତି। ଶିଶୁ ଶ୍ରମିକ ପରିବାର ସମସ୍ୟାକୁ ଅନୁଧ୍ୟାନ କରି ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରିବା, ଅଧାରୁ ପାଠ ଛାଡୁଥିବା ଶିଶୁମାନଙ୍କୁ ସ୍କୁଲରେ ନାମ ଲେଖାଇବା,୧୫ରୁ ୧୮ ବର୍ଷର ପିଲାମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରି ଶିଶୁ ଶ୍ରମିକ ରୋକିବା, ପିଲାଙ୍କୁ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ସାମିଲ କରି ସୁନାଗରିକ କରି ଗଢ଼ିବା ବୋଲି ସେ କହିଛନ୍ତି। ସେହିପରି ଆଇନଜୀବୀ ସୁରେନ୍ଦ୍ର ବେହେରା କହିଛନ୍ତି, ଶିଶୁ ଚାଲାଣକାରୀଙ୍କୁ ବିଭାଗୀୟ ଅଧିକାରୀ ଧରି ପୋଲିସକୁ ହସ୍ତାନ୍ତର କଲେ ଆଇନ ଅନୁଯାୟୀ ସେମାନଙ୍କୁ କଠୋର ଦଣ୍ଡ ମିଳନ୍ତା। ଫଳରେ ସେମାନେ ଆଉ କେବେ ଶିଶୁମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରି ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ କରିବାକୁ ସାହସ କରିବେ ନାହିଁ।

## ୧୦୨ ବର୍ଷର କ୍ଷୁଦ୍ର ବ୍ୟବସାୟୀଙ୍କୁ ସିପିଆଇର ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧।୧**

ମହାନଗରର ଶତାୟୁ ବରିଷ୍ଠ ନାଗରିକ ରାଧାମୋହନ ପାଢ଼ୀ(୧୦୨)ଙ୍କୁ ଗଞ୍ଜାମ ଜିଲା ସିପିଆଇ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାର୍ଟି ବ୍ରହ୍ମପୁର କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବରିଷ୍ଠ ସିପିଆଇ ନେତା ରମେଶ ପାଢ଼ୀ, ପ୍ରବୀଣ ଦାସ, କାମଦେବ ନାହାକ, ଜିଲା ସମ୍ପାଦକ ପ୍ରକାଶ ପାତ୍ରଙ୍କ ସମେତ ରଘୁନନ୍ଦନ ଜେନା, ଏସଏନଟି ରୋଡ କ୍ଷୁଦ୍ର ବ୍ୟବସାୟୀ ସଂଘର ଏମ୍. ସତ୍ୟ ରାଓ, ରାମକୃଷ୍ଣ ସାମନ୍ତରା, ପ୍ରଭାତୀ ଦେଈ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରାଣୀ ଚିକିତ୍ସାଳୟରେ ଠିକ୍ ସେବା ଯୋଗାଇବାକୁ ଦାବି

**ବ୍ରହ୍ମପୁର ଅଫିସ,୧।୧**

ପଶୁ ଚିକିତ୍ସାଳୟରେ ୨୪ ଘଣ୍ଟା ସେବା ଯୋଗାଇବା ସହ ଚିକିତ୍ସାରେ ଅବହେଳା କରୁଥିବା କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମାନବ ଅଧିକାର ସୁରକ୍ଷା ମଂଚ ଦାବି କରିଛି। ଏ ନେଇ ମଂଚ ପକ୍ଷରୁ ଶନିବାର ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି ଯେ, ପଶୁ ଚିକିତ୍ସାଳୟରେ ଇନଡୋର ବିଭାଗ ଖୋଲିବା, ଦୁର୍ଘଟଣାରେ ଆହତ ଗାଇ ଗୋରୁଙ୍କୁ ଅଣଦେଖା ଓ ଅବହେଳା କରୁଥିବା ଗାଇ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ଜନବସତି ନିକଟବର୍ତ୍ତୀ ରେଳବାଇ ଟ୍ରାକର ଉଭୟ ପାର୍ଶ୍ୱରେ ସୁରକ୍ଷା ପାଇଁ ତାର ଜାଲି, ଜୀବ ଜନ୍ତୁଙ୍କ ପ୍ରତି ହେଉଥିବା ନିଷ୍ଠୁରତା ଓ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଉଦ୍ଦିଷ୍ଟ ଏସ ପି ଏ କମିଟିକୁ ଗଞ୍ଜାମ ଜିଲାରେ ସକ୍ରିୟ କାର୍ଯ୍ୟକାରୀ କରାଯିବା ପାଇଁ ଦାବି ହୋଇଥିଲା। ଦାବି ପତ୍ର ପ୍ରଦାନ ସମୟରେ ମଞ୍ଚର ନେତା ମନୋଜ କୁମାର ତରାଇ, ବଂଶୀଧର ଭୂୟାଁ, ବିଜୟ ଚନ୍ଦ୍ର ବିଶୋୟୀ, ବି.ରାମ ବାବୁ, ସୁରେନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା ଓ ଅବନୀ ଗୟାଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ମଞ୍ଚ ପକ୍ଷରୁ ଦାବି ପତ୍ର ପ୍ରଦାନ।

# ଜିଲା ଶିଶୁ ସୁରକ୍ଷା ପକ୍ଷରୁ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧।୧**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜିଲା ପ୍ରଶାସନର ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଉତ୍କଳ ବାଳାଶ୍ରମ ସଭା ଗୃହରେ କନ୍ୟାଭ୍ରୁଣ ହତ୍ୟା ବନ୍ଦ, ଲିଙ୍ଗ ଅନୁପାତର ବୃଦ୍ଧି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି। ଏଥିରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସୁଦାମ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। କିଶୋର ନ୍ୟାୟ ବୋର୍ଡର ସଦସ୍ୟା, ଛତ୍ରପୁରର ଅଳକା ମିଶ୍ର, ସଦସ୍ୟ ବିଭୁଦତ୍ତ ସାମନ୍ତରାୟ, ଶିଶୁ ମଙ୍ଗଳ ସମିତି ସଦସ୍ୟ ହରିହର ପାଢ଼ୀ, ବ୍ରହ୍ମପୁର କିଶୋର ନ୍ୟାୟ ବୋର୍ଡ ସଦସ୍ୟ ଅମିୟ ତ୍ରିପାଠୀ ଓ ଉତ୍କଳ ବାଳାଶ୍ରମର ସସ୍ମିତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୧ରୁ ୨୦୨୧ ସୁଦ୍ଧା ଲିଙ୍ଗଗତ ସମାନତାର ପରିସଂଖ୍ୟାନ ଅନୁସାରେ ସହାରାଞ୍ଚଳରେ ପ୍ରତି ୧୦୦୦ ପୁରୁଷ ତୁଳନାରେ ୯୧୩ କନ୍ୟା ସନ୍ତାନ, ଗ୍ରାମାଞ୍ଚଳରେ ୧୦୦୦ ପୁଅ ତୁଳନାରେ ୯୪୬ ଝିଅ ରହିଛନ୍ତି। ସେହିଭଳି ସହରାଞ୍ଚଳ ସାକ୍ଷରତା ହାର ମଧ୍ୟ ପୁରୁଷଙ୍କ ଶତକଡ଼ା ୮୧.୫୯ ଏବଂ କନ୍ୟାସନ୍ତାନ ମାନଙ୍କ ୬୪.୦୧ ରହିଛି। ସେହିଭଳି ଗ୍ରାମାଞ୍ଚଳରେ ପୁରୁଷମାନଙ୍କ ସାକ୍ଷରତା ହାର ୭୫.୩୫% ଏବଂ ଝିଅମାନଙ୍କ ୫୦.୫୧% ରହିଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେରୁ ଜଣାପଡିଛି। ଆମ ରାଜ୍ୟର ସାକ୍ଷରତାରେ ସର୍ବାଧିକ ଖୋର୍ଦ୍ଧା ଜିଲାର କନ୍ୟା ସନ୍ତାନମାନଙ୍କ ଶତକଡ଼ା ୮୬.୮୮% ରହିଥିବା ବେଳେ ସର୍ବନିମ୍ନ ସାକ୍ଷରତା କ୍ଷେତ୍ରରେ ନବରଙ୍ଗପୁର ଜିଲାରେ ୪୬.୪୩% ରହିଛି। ସେହିଭଳି ଲିଙ୍ଗ ଅନୁପାତରେ ରାୟଗଡା ଜିଲାରେ ୧୦୦୦ ପୁଅ ତୁଳନାରେ ୧୦୫୧ ଝିଅ ରହିଥିବା ବେଳେ ନୟାଗଡ଼ ଜିଲାରେ ୧୦୦୦ ପୁଅ ତୁଳନାରେ ୯୧୫ ଝିଅ ରହିଥିବା ସର୍ଭେ ତଥ୍ୟରୁ ଜଣାପଡିଛି। ଗଞ୍ଜାମ ଜିଲାରେ ମଧ୍ୟ ୧୦୦୦ ପୁଅ ତୁଳନାରେ ୯୮୩ ଝିଅ ସାକ୍ଷରତା ରହିଥିବା ବେଳେ ଏହାର ହାର ୭୧.୦୯% ରହିଛି। ସମାଜରେ ଲିଙ୍ଗଗତ ତାରତମ୍ୟର ଏଭଳି ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେଲେ ସ୍ୱେଚ୍ଛାସେବୀ ସଂଗଠନ ଜରିଆରେ ଏହା ସମ୍ଭବ ହୋଇପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ। ସେହିଭଳି କନ୍ୟା ଶିଶୁର ବଞ୍ଚିବା, ବିକାଶ ଓ ସହାଭାଗିତା ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ।

